ଧରିତ୍ରୀ
DHARITRI

ମନ

ଗୁରୁବାର, ୨୦ ସେପ୍ଟେମ୍ବର, ୨୦୧୮



# ଇନ୍‌ଡୋର ପ୍ଲାଣ୍ଟ

## ସୌନ୍ଦର୍ଯ୍ୟ, ଉପକାରିତା ପାଇଁ ଡିମାଣ୍ଡ

ନିର୍ମଳ ବାୟୁ ଆମକୁ ନା କେବଳ ପ୍ରଦୂଷଣଜନିତ ରୋଗଠାରୁ ରକ୍ଷା କରୁଛି, ମନ ଓ ଶରୀରକୁ ଫୁର୍ତ୍ତି ରଖିବାରେ ସହାୟକ ମଧ ହେଉଛି। ପ୍ରାୟତଃ ସହରରେ ନିର୍ମଳ ବାୟୁ, ସବୁଜ ପରିବେଶ, ଘର ପାଖରେ ବଗିଚା ଉପଲବ୍ଧ ହେବା କଷ୍ଟକର। ଏଭଳି ସ୍ଥିତିରେ କେତେକ ଇନ୍‌ଡୋର ପ୍ଲାଣ୍ଟ ସହର ବାସିନ୍ଦାଙ୍କ ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହେଉଛି। ବିଶେଷକରି ଘର ଭିତର ବାୟୁକୁ ଫ୍ରେଶ୍ ତଥା ନିର୍ମଳ ରଖିବାରେ ଯାଦୁକରି କାର୍ଯ୍ୟ କରୁଛି ଇନ୍‌ଡୋର ପ୍ଲାଣ୍ଟ ତଥା ହାଉସ୍ ପ୍ଲାଣ୍ଟ। କେବଳ ସେତିକି ନୁହେଁ, ଏହା ଘରର ଶୋଭା ମଧ ବଢ଼ାଉଛି। ଫଳରେ ଏହାର ଡିମାଣ୍ଡ ସମ୍ପ୍ରତି ବଢ଼ିବାରେ ଲାଗିଛି। ଏବେ ଦେଖିବାକୁ ମିଳୁଛି ଯେ, ଅନେକ ଅଫିସ୍, ହୋଟେଲ, ରେଷ୍ଟୁରାଣ୍ଟ ଓ ଘରର ଭିତର ଅଂଶ ଆକର୍ଷଣୀୟ ଇନ୍‌ଡୋର ପ୍ଲାଣ୍ଟର ଶୋଭାରେ ଝଲସୁଛି। ସବୁଠୁ ବଡ଼ କଥା, ଏହିସବୁ ପ୍ଲାଣ୍ଟ ପାଇଁ ଅଧିକ ଜାଗା ଦରକାର ପଡୁ ନ ଥିବାବେଳେ ଏହା ବେଶି ମହଙ୍ଗା ମଧ ନୁହେଁ। ଘର ଭିତର ବାୟୁକୁ ଶୁଦ୍ଧ କରିବା ଏବଂ ଅମ୍ଳଜାନ ଯୋଗାଉଥିବା କିଛି ପ୍ଲାଣ୍ଟ ସମ୍ପର୍କରେ ଏହି ସ୍ୱତନ୍ତ୍ର ପ୍ରସ୍ତୁତି।











ସାଧାରଣତଃ ଉପକାରିତା ଓ ସୌନ୍ଦର୍ଯ୍ୟ ଦୃଷ୍ଟିରୁ ଇନ୍‌ଡୋର ବା ହାଉସ୍ ପ୍ଲାଣ୍ଟ ଲୋକଙ୍କ ପସନ୍ଦ ପାଲଟିଛି। ଏଭଳି ଅନେକ ଲୋକ ରହିଛନ୍ତି ଯେଉଁମାନଙ୍କ ଜୀବନରେ ଗଛ ସବୁଠୁ ପ୍ରିୟ। ଆଖପାଖରେ ଗଛ ନ ଥିଲେ ସେମାନଙ୍କୁ ବାଷ୍ପରୁଦ୍ଧ ମନେହୁଏ। ସେମାନଙ୍କ ମଧ୍ୟରୁ ଅନେକେ ଜାଗା ଅଭାବରୁ ଘର ଭିତରେ ଯଥାସମ୍ଭବ ଗଛ ଲଗାଇବାକୁ ଇଚ୍ଛା ପ୍ରକାଶ କରୁଛନ୍ତି। ତେବେ ଘର ଭିତର ପାଇଁ ଭିନ୍ନ ଭିନ୍ନ ପ୍ରକାରର ଗଛ ରହିଥିବାବେଳେ ତାହାକୁ ବଞ୍ଚାଇ ରଖିବା ନିମନ୍ତେ ଯତ୍ନ ସାଙ୍ଗକୁ କେତେକ ଉପାଦାନ ଆବଶ୍ୟକ ହୋଇଥିଲେ। ସେହି ଉପାଦାନ ମଧ୍ୟରେ ସଏଲ ମିକ୍ସଚର, ପାଣି, ଆର୍ଦ୍ରତା, ଆଲୋକ, ସାର ପ୍ରତି ଅଧିକ ଗୁରୁତ୍ୱ ଦେବାକୁ ପଡ଼ିଥାଏ। ଗଛ ରଖିବା ପାଇଁ ତାହାର ଆକାର ଅନୁସାରେ ପାତ୍ର ଆବଶ୍ୟକ ହୋଇଥାଏ। ଯଦି ପାତ୍ର ବଡ଼ ହୋଇଯାଏ ତେବେ ଚେର ସମ୍ବନ୍ଧୀୟ ରୋଗ ହୋଇଥାଏ। କାରଣ ସେଥିରେ ଅଧିକ ପାଣି ରହିଯାଇଥାଏ। ସେହିପରି ପାତ୍ର ଛୋଟ ହୋଇଗଲେ ଗଛ ବଢ଼ିବାରେ ବାଧା ସୃଷ୍ଟି କରିବ। ଲୋକମାନଙ୍କ ଆଗ୍ରହକୁ ପୃ ୭

# ଇନ୍‌ଡୋର ପ୍ଲାଣ୍ଟ

## ସୌନ୍ଦର୍ଯ୍ୟ, ଉପକାରିତା ପାଇଁ ଡିମାଣ୍ଡ

ପ୍ରଥମ ପୃଷ୍ଠାରୁ...

ଦେଖି ମାର୍କେଟ୍‌ରେ ଏବେ ନୂଆ ନୂଆ ଡିଜାଇନ୍‌ର ପାତ୍ର ଉପଲବ୍ଧ ରହୁଛି। ମାଟିକୁ ଛାଡ଼ି ଅନ୍ୟ ମାଧ୍ୟମରେ ଏହି ଗଛ ମଧ୍ୟ ଲଗାଯାଇଥାଏ। ଯେପରିକି ଭର୍ମିକୁଲାଇଟ୍, ପେରଲାଇଟ୍, କୋକୋ ପିଟ୍ ଇତ୍ୟାଦି।











## ହାଉସ୍ ପ୍ଲାଣ୍ଟର ପ୍ରକାରଭେଦ

ବିଭିନ୍ନ ପ୍ରକାରର ଗଛକୁ ହାଉସ୍ ପ୍ଲାଣ୍ଟ ଭାବେ ବ୍ୟବହାର କରାଯାଏ। ଗଛର ଆକାର ଓ ଘରର ସ୍ଥାନ ଅନୁସାରେ ଏହାକୁ ବିଭିନ୍ନ ଶ୍ରେଣୀରେ ବିଭକ୍ତ କରାଯାଇଛି।

**ଫୋଲିଏଜ୍ ପ୍ଲାଣ୍ଟ:** ଏହି ଶ୍ରେଣୀର ଗଛ ସୁନ୍ଦର ପାଇଁ ପ୍ରସିଦ୍ଧ। କେବଳ ପତ୍ରର ସୌନ୍ଦର୍ଯ୍ୟତାକୁ ଦେଖି ଲୋକ ଲଗାଇଥାନ୍ତି। ଏଥିରେ ଫିଲୋଡ୍ରେନ୍‌ଡ୍ରନ, ଡାଇଫେନ୍‌ବେଚିଆ (ଡମ୍ବ କେନ୍ସ), ପିସ୍ ଲିଲି, ଆନ୍ଥୁରିୟମ, ବେଗୋନିଆ, କ୍ରୋଟନ ଇତ୍ୟାଦି ଗଛର ବହୁତ ଡିମାଣ୍ଡ ରହିଛି।

**ସକୁଲେଣ୍ଟ ପ୍ଲାଣ୍ଟ:** ଏହି ଜାତୀୟ ଗଛଗୁଡ଼ିକର ପତ୍ର ବା ଶରୀର ମୋଟା ହୋଇଥାଏ। ଗଛରେ ଅଧିକ ଜଳୀୟ ଅଂଶ ରହିଥାଏ। ତେଣୁ ଏଗୁଡ଼ିକ କମ୍ ଜଳ ଆବଶ୍ୟକ କରିଥାନ୍ତି। କାକ୍‌ଟସ୍, ଇଫୋର୍ବିୟା, ଏଲୋଭେରା (ଘିକୁଆଁରୀ) ଇତ୍ୟାଦି ଗଛ ଏହି ଶ୍ରେଣୀର ଅନ୍ତର୍ଭୁକ୍ତ।

**ଟ୍ରିଜ୍:** ହାଉସ୍ ପ୍ଲାଣ୍ଟ ମଧ୍ୟରେ ଏହି ଶ୍ରେଣୀର ଗଛଗୁଡ଼ିକ ସବୁଠାରୁ ଆକାରରେ ବଡ଼ ହୋଇଥାନ୍ତି। ପାମ୍, ଡ୍ରାସିନା, ଫାଇକସ୍ ଇତ୍ୟାଦି ଏହି ଶ୍ରେଣୀର।

**ଫର୍ନ:** ଗାଢ଼ ସବୁଜ ରଙ୍ଗ ଓ ସୁନ୍ଦର ପତ୍ର ପାଇଁ ଏହି ଶ୍ରେଣୀର ଗଛ ଲୋକପ୍ରିୟ। ଆସ୍ପାରାଗସ୍, ରାବିଟ୍ ଫୁଟ୍ ଫର୍ନ ଇତ୍ୟାଦି ଏହି ଶ୍ରେଣୀର।

**କ୍ଲାଇମ୍ବର:** କାନ୍ଥ କିମ୍ବା ଖୁଣ୍ଟରେ ଏହି ଶ୍ରେଣୀର ଗଛକୁ ଲଗାଇଲେ ଅଧିକ ଆକର୍ଷଣୀୟ ଲାଗିଥାଏ। ଏହାଛଡ଼ା ଝରକା, କୁଣ୍ଡକୁ ଝୁଲାଇ ଏହି ଗଛ ଲଗାଯାଇପାରିବ। ସ୍ପାଇଡର ପ୍ଲାଣ୍ଟ, ୱାକ୍ସ ପ୍ଲାଣ୍ଟ, ମନି ପ୍ଲାଣ୍ଟ ଇତ୍ୟାଦି ଏହି ଶ୍ରେଣୀରେ ଅନ୍ତର୍ଭୁକ୍ତ।

**ଫ୍ଲାୱାରିଂ ପ୍ଲାଣ୍ଟ:** ଏହି ଶ୍ରେଣୀର ଗଛର ମଧ୍ୟ ଚାହିଦା ରହିଛି। ଫୁଲ ଫୁଟୁଥିବାରୁ ଏହା ଅଧିକ ଆଲୋକ ଆବଶ୍ୟକ କରିଥାଏ। ପ୍ରତିଦିନ ଅଳ୍ପ ଅଳ୍ପ ପାଣି ଦେବାକୁ ପଡ଼ିଥାଏ। ହିବିସ୍‌କସ୍, ଅର୍କିଡ, କଫି ଇତ୍ୟାଦି ଏହି ଶ୍ରେଣୀର ଅଟନ୍ତି।

### ଉପକାରିତା

- ବାୟୁ ପ୍ରଦୂଷଣ କମାଇଥାଏ। 'ନାସା'ର ଗବେଷଣା ଅନୁଯାୟୀ, କେତେକ ଇନ୍‌ଡୋର ପ୍ଲାଣ୍ଟ ୨୪ଘଣ୍ଟା ମଧ୍ୟରେ ବାୟୁର ୮୭% ବିଷାକ୍ତକୁ ଦୂର କରିଥାଏ। (ପିସ୍ ଲିଲି, ଫର୍ନ)।
- ମସ୍ତିଷ୍କକୁ ସତେଜ ରଖିଥାଏ(ଲାଭେଣ୍ଡର, ଜସ୍ମିନ, ରେଡ୍ ଏଡ୍‌ଜଡ୍ ଡ୍ରାସିନା)।
- ଭୟ, କ୍ରୋଧ, ବିଷାଦ ଇତ୍ୟାଦି ଭାବକୁ ବଢ଼ିବାକୁ ଦିଏ ନାହିଁ।
- ସକାରାତ୍ମକ ଚିନ୍ତାଧାରା ବଢ଼ାଇଥାଏ ଓ ନକାରାତ୍ମକ ଚିନ୍ତାଧାରାକୁ କମାଇଥାଏ।
- ନିଦ୍ରାହୀନତା ଦୂର କରିଥାଏ(ସ୍ନେକ୍ ପ୍ଲାଣ୍ଟ, ଗାର୍ଡେନିଆ, ପେନ୍)।
- ମୁଣ୍ଡ ବିନ୍ଧା, ଥକା ମେଣ୍ଟାଇବା ଦୂର କରିଥାଏ (ଫିଲୋ ଡେନ୍‌ଡ୍ରୋନ୍, କ୍ରୋଟନ)।
- ସବୁଜ ରଙ୍ଗକୁ ଦେଖିଲେ ଆରାମଦାୟକ ଲାଗେ।



### କେଉଁ ଘର ପାଇଁ କେଉଁ ଗଛ

ବେଡ୍ ରୁମ୍– ଜରବେରା
ଲିଭିଂ ସ୍ପେଶ୍– ସ୍ପାଇଡର ପ୍ଲାଣ୍ଟ, ଡ୍ରାଗନ ଟ୍ରି, ଫର୍ନ, ଫିଲୋଡ୍ରେନ୍‌ଡ୍ରନ, ଇଂଲିଶ ଆଇଭି
କିଚେନ– ସ୍ନେକ୍ ପ୍ଲାଣ୍ଟ
ବାଥ୍‌ରୁମ୍– ପିସ୍ ଲିଲି

## ଲୋକପ୍ରିୟ ଇନ୍‌ଡୋର ପ୍ଲାଣ୍ଟ



### ଆନ୍ଥୁରିୟମ ▲

ଏହି ଗଛଗୁଡ଼ିକ ଦେଖିବାକୁ ବହୁତ ସୁନ୍ଦର। ଯେଉଁ ସ୍ଥାନରେ ରହିଲେ ବି ଏହା ତତ୍‌କ୍ଷଣାତ୍ ଦୃଷ୍ଟି ଆକର୍ଷଣ କରିଥାଏ। ଏହି ଗଛ ପାଇଁ ସିଧା ସୂର୍ଯ୍ୟକିରଣ ଆବଶ୍ୟକ ହୋଇ ନ ଥାଏ। ଅଳ୍ପ ପାଣି କିନ୍ତୁ ନିୟମିତ ଭାବେ ଦେବାକୁ ପଡ଼ିଥାଏ। ଅନେକ ରଙ୍ଗରେ ଏହି ଗଛ ଉପଲବ୍ଧ। ବର୍ଷତମାମ ଏହି ଗଛରେ ଫୁଲ ଫୁଟିଥାଏ।

### ଆରିକା ପାମ୍ ▶



ବାୟୁମଣ୍ଡଳକୁ ଜଳକଣା ଛାଡ଼ି ଆର୍ଦ୍ର କରି ରଖିଥାଏ, ଯାହା ଥଣ୍ଡା, ସାଇନସ୍ ସମସ୍ୟାକୁ ଦୂର କରିବାରେ ସହାୟକ ହୋଇଥାଏ। ନିଃଶ୍ୱାସ ପ୍ରଶ୍ୱାସ ନେବାରେ ମଧ୍ୟ ଏହା ସହଯୋଗ କରିଥାଏ। ଏହି ଗଛ ଘର ଭିତରେ ଭଲରେ ବଢ଼ିପାରନ୍ତି। ପ୍ରାୟ ୭ଫୁଟ ପର୍ଯ୍ୟନ୍ତ ଏହା ବଢ଼ିପାରିଥାଏ। ଏହି ଗଛ କମ୍ ଆଲୋକରେ ବଢ଼ିପାରୁଥିବାରୁ ଲୋକଙ୍କ ମଧ୍ୟରେ ଏହା ଅଧିକ ଆଦୃତ।



### ଏଲୋଭେରା (ଘିକୁଆଁରୀ) ▲

ଏହି ଗଛର ରକ୍ଷଣାବେକ୍ଷଣା ଅତି ସହଜ। କମ୍ ମାଟି ବ୍ୟବହାର ହୋଇଥାଏ। ଖରା ପଡ଼ିବା ପାଇଁ ଝରକା ପାଖରେ ରଖାଯାଇଥାଏ। ସୌନ୍ଦର୍ଯ୍ୟ ବୃଦ୍ଧି ସହିତ ଏହି ଗଛର ଅନେକ ଆୟୁର୍ବେଦ ଗୁଣ ମଧ୍ୟ ରହିଛି।

### ଲକି ବାମ୍ବୋ ▶

ବର୍ତ୍ତମାନ ସମୟରେ ଏହି ଗଛଟି ସବୁଠାରୁ ଲୋକପ୍ରିୟ। ଯଦିଓ ସାଧାରଣ ଲୋକ ଏହାକୁ ବାଉଁଶ ପ୍ରଜାତିର ଗଛ ବୋଲି କହିଥାନ୍ତି, କିନ୍ତୁ ଏହା ଏକ ଡ୍ରାସେନା ପ୍ରଜାତିର ଗଛ। ଏହା ବିନା ମାଟି, ଛୋଟ ଜାଗାରେ ରହିଯାଏ। ଅଳ୍ପ ପାଣି ଆବଶ୍ୟକ ହୋଇଥାଏ। ଫଙ୍ଗ୍‌ଶ୍ୱେ ମତରେ ଏହା ସୌଭାଗ୍ୟ ଆଣିଥାଏ।



## କ'ଣ କୁହନ୍ତି ଏମାନେ



ଏଠିକାର ପାଣିପାଗ ଯେଉଁଭଳି ରହୁଛି ଗଛଗୁଡ଼ିକ ମଝିରେ ମଝିରେ ବାହାରକୁ ଆଣିବା ଉଚିତ। ନଚେତ୍ ଗଛ ଶୀଘ୍ର ନଷ୍ଟ ହୋଇଯିବ। ଆମ ପାଖରେ ପ୍ରାୟ ୩୦ପ୍ରକାରର ଇନ୍‌ଡୋର ପ୍ଲାଣ୍ଟ ରହିଛି। ୧୫୦ଟଙ୍କାରୁ ଆରମ୍ଭ ହୋଇ ୫ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି। ଆରିକା ପାମ୍, ଲକି ବାମ୍ବୋ ଭଳି ଗଛର ବହୁତ ଡିମାଣ୍ଡ ରହିଛି।

**– ବିଜୟ କୁମାର ସାହୁ, ନ୍ୟୁ ଏମ୍‌ଏସ୍ ନର୍ସରି, ଭୁବନେଶ୍ୱର**



ବର୍ତ୍ତମାନ ଘରଟିଏ କଲେ ବଗିଚା ପାଇଁ କାହା ପାଖରେ ଜାଗା ନାହିଁ। ଜାଗା ଅଭାବରୁ ଏଥିପାଇଁ ଇନ୍‌ଡୋର ପ୍ଲାଣ୍ଟର ଡିମାଣ୍ଡ ରହିଛି। ଲୋକେ ଟଙ୍କା ଖର୍ଚ୍ଚ କରି ନେଇଯାଉଛନ୍ତି। କିନ୍ତୁ ସଚେତନତା ଅଭାବରୁ ସେମାନେ ଗଛର ଯତ୍ନ ନେଇପାରୁନାହାନ୍ତି। ଫଳରେ ଗଛଗୁଡ଼ିକ ଶୀଘ୍ର ନଷ୍ଟ ହୋଇଯାଉଛି। ଇନ୍‌ଡୋର ପ୍ଲାଣ୍ଟର ଅର୍ଥ କେବଳ ଘର ଭିତରେ ବା ଛାଇରେ ରହିବ ବୋଲି ସାଧାରଣ ଲୋକଙ୍କ ଚିନ୍ତାଧାରା ରହିଛି। ଯଦି ବାହାରକୁ ନ ଆଣିବ ତେବେ ଗଛର ଚମକ ଆଉ ରହିବ ନାହିଁ।

**– ସୁଶାନ୍ତ କୁମାର ଦାଶ, ପ୍ରୋପ୍ରାଇଟର, କୃଷକ ସାଥୀ**



ଜାଗାର ଅଭାବ ଯୋଗୁ ଲୋକେ ଏହି ପ୍ଲାଣ୍ଟକୁ ଲଗାଇବାକୁ ଚାହୁଁଛନ୍ତି। ତେଣୁ ଦିନକୁ ଦିନ ଏହି ପ୍ଲାଣ୍ଟର ଡିମାଣ୍ଡ ବଢ଼ିବାରେ ଲାଗିଛି। ଏହାର ବିଭିନ୍ନ ପ୍ରକାର ଉପକାରିତା ରହିଛି। ପ୍ରଥମତଃ ହେଉଛି ବିୟୁଟିଫିକେଶନ୍। ଏଥିରୁ ଅମ୍ଳଜାନ ମିଳିବା ସହିତ ଏୟାରକୁ ପ୍ୟୁରିଫାଏ କରୁଛି। ଯେହେତୁ ଇନ୍‌ଡୋର ପ୍ଲାଣ୍ଟର ଚାହିଦା ବଢ଼ିବାରେ ଲାଗିଛି ତେଣୁ ଜଣେ ଚାହିଁଲେ ଏଥିରେ କ୍ୟାରିୟର ମଧ୍ୟ କରିପାରିବ।

**– ଡ. ସ୍ୱାଗତିକା ଶ୍ରୀଚନ୍ଦନ, ଉଦ୍ୟାନ କୃଷି ବିଶେଷଜ୍ଞ ତଥା ସିନିୟର ସାଇଣ୍ଟିଷ୍ଟ ହେଡ୍, କୃଷି ବିଜ୍ଞାନ କେନ୍ଦ୍ର, ନୂଆପଡ଼ା**

–ରିପୋର୍ଟ: ଅସମାପିକା ସାହୁ
ଫଟୋ: ବିକାଶ ନାୟକ

# ପରିବା ବିକି କିଣନ୍ତି ଖେଳ ସାମଗ୍ରୀ

> ନିଜ ଅଞ୍ଚଳରେ ଅଜଣା ଓ ସରକାରଙ୍କ ଦ୍ୱାରା ଉପେକ୍ଷିତ ହୋଇଥିଲେ ବି ଟାଏକୋଣ୍ଡୋ କ୍ରୀଡ଼ାରେ ସେ ସ୍ୱର୍ଣ୍ଣପଦକ ବିଜେତା। ସୃଷ୍ଟି କରିଛନ୍ତି ଅନେକ କ୍ରୀଡ଼ା ପ୍ରତିଭା। ଯେତିକି କର୍ମଠ, ସେତିକି ସମୟାନୁବର୍ତ୍ତିତାପ୍ରିୟ। ଜଣେ ପରିବା ବିକାଳି ଭାବେ ଆଜି ବି ସେ ପରିବାରର ଗୁଜୁରାଣ ମେଣ୍ଟାଉଛନ୍ତି।



ଭଦ୍ରକ ସହରର ଲୋକନାଥ ମନ୍ଦିର ସମ୍ମୁଖ ପରିବା ମାର୍କେଟ। ସେଠାରେ ପ୍ରଫୁଲ୍ଲ ମାସନ୍ତ ଓରଫ ପପୁ(୩୬) ନିତିଦିନ ଭିନ୍ନ ଭିନ୍ନ ପନିପରିବା ଧରି ବିକ୍ରି କରନ୍ତି। ପପୁଙ୍କର ରହିଛି ଅନ୍ୟ ଏକ ପରିଚୟ। ସେ ଟାଏକୋଣ୍ଡୋର ଯୁବ କ୍ରୀଡ଼ାବିତ୍ ଭାବେ ପରିଚିତ। କୋଚ୍ ଭାବେ ମଧ୍ୟ କାମ କରନ୍ତି। କ୍ରୀଡ଼ା ପ୍ରତିଭା ପ୍ରଦର୍ଶନ କରି ସେ ସ୍ୱର୍ଣ୍ଣପଦକ ବିଜେତା ହେବାର ଗୌରବ ପାଇଛନ୍ତି। ପରିବାରର ଗୁଜୁରାଣ ମେଣ୍ଟାଇବା ଲାଗି ଜଣେ କ୍ରୀଡ଼ାବିତ୍ ହୋଇ ମଧ୍ୟ ପରିବା ବିକିବା ଭଳି କାର୍ଯ୍ୟ ତାଙ୍କୁ ଦେଇଛି ଏକ ନିଆରା ପରିଚୟ।

ଲୋକନାଥ ମନ୍ଦିର ସମ୍ମୁଖ ପରିବା ମାର୍କେଟରେ ଖଣ୍ଡେ ଦରି ବିଛାଇ ପ୍ରଫୁଲ୍ଲ ପ୍ରତିଦିନ ସକାଳେ ପନିପରିବା ବିକ୍ରି କରନ୍ତି। ଉତ୍ତମ ବ୍ୟବହାର ଓ ବ୍ୟବସାୟରେ ସାଧୁତା ରକ୍ଷା କରି ଅନେକ ଚିହ୍ନରା ଗ୍ରାହକଙ୍କୁ ସେ ନିଜ ସହ ବାନ୍ଧି ରଖିଛନ୍ତି। ମଧ୍ୟାହ୍ନ ୧୨ ଟା ସୁଦ୍ଧା ବିକ୍ରିବଟା ଶେଷ କରି ଘରକୁ ଫେରି ଯାଆନ୍ତି। ଖାଇପିଇ କିଛି ସମୟ ବିଶ୍ରାମ ନେବା ପରେ ଟାଏକୋଣ୍ଡୋ ପାଇଁ ଅଭ୍ୟାସ କରିଥାନ୍ତି। ଏହି ଖେଳ ପ୍ରତି ତାଙ୍କର ଅହେତୁକ ଆକର୍ଷଣ ରହିଛି। ଭଦ୍ରକ ଓ ଯାଜପୁର ଜିଲାରେ ଅନେକ ଯୁବ ଖେଳାଳିଙ୍କୁ ସେ ଟାଏକୋଣ୍ଡୋ ତାଲିମ ଦେଇ ଆସୁଛନ୍ତି। ଜଣେ କୋଚ୍ ଭାବେ ପ୍ରଫୁଲ୍ଲ ଗତ ୧୮ ବର୍ଷ ଧରି ଏହି ଦୁଇ ଜିଲାରେ ପ୍ରାୟ ୨ହଜାର ଟାଏକୋଣ୍ଡୋ ଖେଳାଳିଙ୍କୁ ତାଲିମ ଦେଇଥିବା କହନ୍ତି। ତାଙ୍କଠାରୁ ତାଲିମ ଗ୍ରହଣ କରି କେତେକ ଖେଳାଳି ମଧ୍ୟ ସ୍ୱର୍ଣ୍ଣପଦକ ହାସଲ କରିପାରିଛନ୍ତି। ପ୍ରତି ସପ୍ତାହରେ ଭଦ୍ରକର ନେହେରୁ ଷ୍ଟାଡିୟମରେ ୪ ଦିନ ଓ ଯାଜପୁରର ଭିଏନ୍ କଲେଜ ଗ୍ରାଉଣ୍ଡ ତଥା ଏସ୍‌ବିଡି ସ୍କୁଲରେ ୩ ଦିନ ସେ ୨ ଶହରୁ ଊର୍ଦ୍ଧ୍ୱ ଖେଳାଳିଙ୍କୁ ଏବେ ପ୍ରଶିକ୍ଷଣ ଦେଉଛନ୍ତି। ଏହି କାର୍ଯ୍ୟ ସକାଶେ ସେ କିଛି ପାଉଣା ପାଇଥାନ୍ତି। ଦୈନନ୍ଦିନ ଜୀବନରେ ସମୟକୁ ଠିକ୍ ଭାବେ ବିନିଯୋଗ କରି ପ୍ରଫୁଲ୍ଲ ଟାଏକୋଣ୍ଡୋ କ୍ଷେତ୍ରରେ ବେଶ୍ ସୁନାମ ହାସଲ କରିଛନ୍ତି।

## ଅନନ୍ୟ ଯୁବ ପ୍ରତିଭା ପ୍ରଫୁଲ୍ଲ

ଏହି ବିସ୍ମୟକର ପ୍ରତିଭାସମ୍ପନ୍ନ ଯୁବକ ସ୍ଥାନୀୟ ଅଞ୍ଚଳବାସୀଙ୍କ ପାଖରେ ଆଜି ବି ଏକପ୍ରକାର ଅଜଣା ଅପରିଚିତ ହୋଇ ରହିଛନ୍ତି। ରାଜ୍ୟ ଓ ରାଜ୍ୟ ବାହାରେ ସେ ତାଙ୍କ କ୍ରୀଡ଼ା ପ୍ରତିଭା ପ୍ରଦର୍ଶନ କରି ଅନେକ ସଫଳତା ସାଉଣ୍ଟିଛନ୍ତି। ଲକ୍ଷ୍ନୌ, ମୁମ୍ବାଇ, ଦିଲ୍ଲୀ, ନୈନିତାଲରେ ଅନୁଷ୍ଠିତ ବିଭିନ୍ନ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ସଫଳତା ହାସଲ କରିବା ସହ ଦିଲ୍ଲୀରୁ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ସେହିପରି ରୌପ୍ୟ ଓ ବ୍ରୋଞ୍ଜ ପଦକ ମଧ୍ୟ ପାଇଛନ୍ତି। କଟକ ବାରବାଟୀ ଷ୍ଟାଡିୟମ, ଭଞ୍ଜ କଳା ମଣ୍ଡପ, ବ୍ରହ୍ମପୁର, ରାଉରକେଲାରେ ଅନୁଷ୍ଠିତ ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ମେଡାଲ ସାଙ୍ଗକୁ ପ୍ରଶଂସା ପତ୍ର ହାସଲ କରିଛନ୍ତି।

ପ୍ରଫୁଲ୍ଲ କହନ୍ତି, ସେ ଗରିବ ପରିବାରରେ ଜନ୍ମ ନେଇଥିବାରୁ ସଂଘର୍ଷ କରି ଆଗକୁ ବଢ଼ିପାରିଛନ୍ତି। ଦୈନିକ ପରିବା ବିକ୍ରିରୁ ଯାହା ଲାଭ ମିଳେ ସେଥିରେ ଖେଳ ପାଇଁ ପୋଷାକ ଓ ଅନ୍ୟ ସାମଗ୍ରୀ କିଣିଥାନ୍ତି। ସେ ବ୍ଲାକବେଲ୍ଟ ସେକେଣ୍ଡ ଡାନ ଧାରୀ ହୋଇଥିବାରୁ ନିଜେ ଅଭ୍ୟାସ କରିବା ସାଙ୍ଗକୁ ନୂଆ କ୍ରୀଡ଼ା ପ୍ରତିଭା ସୃଷ୍ଟି ପାଇଁ ଉଦ୍ୟମ କରି ଅନେକଙ୍କ ଶ୍ରଦ୍ଧାଭାଜନ ହୋଇପାରିଛନ୍ତି। ହେଲେ ଏହି ଯୁବ ପ୍ରତିଭାଙ୍କ ପ୍ରତି ରାଜ୍ୟ ସରକାରଙ୍କର ଏଯାଏ ନଜର ପଡ଼ି ନାହିଁ।

ପ୍ରଫୁଲ୍ଲଙ୍କ ଘର ଭଦ୍ରକ ପୌରାଞ୍ଚଳ ଅଧୀନ ସନ୍ଥିଆ ଗ୍ରାମରେ। ମା' ଶାନ୍ତିଲତା ଓ ବାପା ଅଭିମନ୍ୟୁ ମାସନ୍ତ। ବାପା ଅଭିମନ୍ୟୁ ଜଣେ ଚା' ବିକାଳି, ମା' ଗୃହିଣୀ। ପରିବାରର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନ ଥିବାରୁ ଅଷ୍ଟମ ଶ୍ରେଣୀରେ ପପୁଙ୍କ ପାଠପଢ଼ାରେ ଡୋରି ବନ୍ଧା ହୋଇଯାଇଥିଲା। ସେ ୫ମ ଶ୍ରେଣୀରେ ପଢୁଥିବା ବେଳେ ଟାଏକୋଣ୍ଡୋ ଖେଳ ପ୍ରତି ତାଙ୍କ ମନରେ ଆଗ୍ରହ ସୃଷ୍ଟି ହୋଇଥିଲା। ପାଠପଢାରେ ଡୋରି ବନ୍ଧାଯିବା ସତ୍ତ୍ୱେ ଟାଏକୋଣ୍ଡୋ ଶିକ୍ଷା ପ୍ରତି ମନ ବଳାଇ ଭଦ୍ରକ ନେହେରୁ ଷ୍ଟାଡିୟମରେ ଦୀପ୍ତିରଞ୍ଜନ ମହାପାତ୍ରଙ୍କଠାରୁ ଏହି କ୍ରୀଡ଼ା କୌଶଳ ଶିଖିବା ଆରମ୍ଭ କରିଥିଲେ। ପରେ ଗୋପାଳ ଚନ୍ଦ୍ର ରାୟଙ୍କଠାରୁ ସେ ତାଲିମ ନେଇ ଜିଲା, ରାଜ୍ୟ ଓ ଅନ୍ତର୍ଜାତୀୟ ସ୍ତରରେ ପ୍ରତିଯୋଗୀ ହେବାର ସଫଳତା ହାସଲ କରିଛନ୍ତି। ଭଦ୍ରକରେ ଭଲ ଇନଡୋର ଷ୍ଟାଡିୟମ ନ ଥିବା କାରଣରୁ କ୍ରୀଡ଼ାର ବିକାଶ ହୋଇପାରୁ ନ ଥିବା ସେ କହିଛନ୍ତି।

ରିପୋର୍ଟ: **ବିଭୁପ୍ରସାଦ ବେହେରା**



ଲୋକନାଥ ମନ୍ଦିର ସମ୍ମୁଖ ମାର୍କେଟରେ ପ୍ରଫୁଲ୍ଲ ପରିବା ବିକୁଛନ୍ତି।

# ଖାଦ୍ୟ କୁଟି

## ଭେଜ୍ କ୍ରିପ୍ସି

### ଆବଶ୍ୟକ ସାମଗ୍ରୀ

କର୍ନଫ୍ଲୋର, ରିଫାଇନ ତେଲ, ମଇଦା, ଅରୁଆ ଚାଉଳ ଗୁଣ୍ଡ, ଚାଇନା ସଲ୍ଟ, ଚିଲି ସସ୍, ଟମାଟୋ ସସ୍, ଲୁଣ, ଆଳୁ, ବିନ୍ସ, ଗାଜର, ହଳଦୀଗୁଣ୍ଡ, ଲଙ୍କାଗୁଣ୍ଡ, ମସଲାଗୁଣ୍ଡ, ପିଆଜ।

ଭଦ୍ରକ ସହରର ବନ୍ତ ଛକ ନିକଟସ୍ଥ ଆଞ୍ଚଲ ହୋଟେଲରେ ପ୍ରସ୍ତୁତ 'ଭେଜ୍ କ୍ରିପ୍ସି'ର ଚାହିଦା ଢେର। ନିରାମିଷ ଖାଦ୍ୟ ପସନ୍ଦ କରୁଥିବା ଗ୍ରାହକଙ୍କ ଭିଡ଼ ଏଠାରେ ଖାସ୍ ଏହି ଡିସ୍ ପାଇଁ। ଭଦ୍ରକ ଉପକଣ୍ଠ ବାଲିଖଣ୍ଡର ଉମାକାନ୍ତ ଦାସ ଦୀର୍ଘ ୮ ବର୍ଷ ଧରି କାରିଗର ଭାବେ ଏହି ଆଇଟମ୍‌ଟି ଏଠାରେ ପ୍ରସ୍ତୁତ କରିଆସୁଛନ୍ତି। 'ଭେଜ୍ କ୍ରିପ୍ସି'ର ପ୍ରସ୍ତୁତି ସମ୍ପର୍କରେ ସେ ଯାହା କୁହନ୍ତି..

### ପ୍ରସ୍ତୁତ ପ୍ରଣାଳୀ



ଆଳୁ, ବିନ୍ସ ଓ ଗାଜରକୁ ସ୍ଲାଇସ କରି କାଟି ଏକ ପାତ୍ରରେ ରଖିଦିଅନ୍ତୁ। କର୍ନଫ୍ଲୋର, ଚାଉଳ ଗୁଣ୍ଡ, ଆବଶ୍ୟକ ପରିମାଣର ଚାଇନା ସଲ୍ଟ, ମଇଦା, ହଳଦୀଗୁଣ୍ଡ, ଲଙ୍କାଗୁଣ୍ଡ ମିଶାଇ କଟାଯାଇଥିବା ଗାଜର, ଆଳୁ ଓ ବିନ୍ସରେ ମିଶାନ୍ତୁ। ପରେ ଆବଶ୍ୟକ ପରିମାଣର ଚିଲି ସସ୍ ଓ ଟମାଟୋ ସସ୍ ଦେଇ ଏକ ମିଶ୍ରଣ ପ୍ରସ୍ତୁତ କରନ୍ତୁ। ସ୍ୱାଦ ଅନୁସାରେ ଲୁଣ ପକାନ୍ତୁ। ଏବେ କଡ଼େଇରେ ରିଫାଇନ ତେଲ ପକାନ୍ତୁ। ତେଲ ଗରମ ହେବାପରେ ଏହି ଭେଜ ମିଶ୍ରଣକୁ ଛାଣନ୍ତୁ। ମିଶ୍ରଣ ଗୁଡ଼ିକ ବ୍ରାଉନ୍ କଲର ହେବା ପରେ ପ୍ଲେଟକୁ କାଢ଼ନ୍ତୁ। ପ୍ଲେଟରେ ପୂର୍ବରୁ ଟିସୁ ପେପର ରଖିଥାନ୍ତୁ। ଏହି ଛଣା ଗୁଡ଼ିକ ଟିସୁ ପେପରରେ ରଖିବା ଦ୍ୱାରା ତେଲ କମ୍ ଗ୍ରହଣ କରିଥାଏ। ପ୍ରସ୍ତୁତ ଥିବା ପ୍ଲେଟରେ ଗାର୍ନିସିଂ ପିଆଜ କଟା ସାଙ୍ଗକୁ ଗାଜର କଟା ଦେଇ ସଜାନ୍ତୁ। ଏଥିରେ ଆପଣ ଚିଲି ସସ୍, ଟମାଟୋ ସସ୍ କିମ୍ବା ଚଟଣୀ ବ୍ୟବହାର କରିପାରିବେ। ଏହି ସ୍ନାକ୍ସ ଡିସ୍‌ଟି ସହଜ ଏବଂ କମ୍ ସମୟରେ ପ୍ରସ୍ତୁତ ହେଉଥିବାରୁ ଘରକୁ କେହି ଗେଷ୍ଟ ଆସିଲେ ଆପଣ ତୁରନ୍ତ ବନେଇ ପରଶି ପାରିବେ।



@ ସୁନା



@ ଦିବ୍ୟ



@ ଅଜୟ

# ସେଲ୍ଫି କର୍ଣ୍ଣର

**ସେଲ୍ଫି ଉଠାନ୍ତୁ, ଆମ ପାଖକୁ ପଠାନ୍ତୁ**

balasoreselfie@gmail.com
(ବଛା ବଛା ସେଲ୍ଫି ପ୍ରକାଶ ପାଇବ)



@ ଜ୍ୟୋତିରେଖା



@ ସରୋଜ



@ ସିପ୍ରା



@ ଅମିୟ



@ ରଶ୍ମିରଞ୍ଜନ



@ ଦେବାଶିଷ



@ ଶଶିକାନ୍ତ



@ ସରୋଜ



@ ସନ୍ତୋଷ



@ ଗଜେନ୍ଦ୍ର

# ବନଜା ଆପାର୍ଟମେଣ୍ଟ



ଗୃହ ପ୍ରବେଶ- ୨୦୦୩
ଲୋକ ସଂଖ୍ୟା- ୫୦୦ରୁ ଊର୍ଦ୍ଧ୍ୱ
ଫ୍ଲାଟ ସଂଖ୍ୟା- ୧୪୪
ବ୍ଲକ୍- ୨
ସଂଗଠନ- ବନଜା ଆପାର୍ଟମେଣ୍ଟ ଓନର୍ସ ଆସୋସିଏଶନ
ସଭାପତି- ବୀରବର ରଥ
ଉପସଭାପତି- କବିରଞ୍ଜନ ମିଶ୍ର
ସମ୍ପାଦକ- ବ୍ରଜକିଶୋର ପାଣିଗ୍ରାହୀ
ସହ ସମ୍ପାଦକ- ନୀଳମଣି ମହାନ୍ତି
କୋଷାଧ୍ୟକ୍ଷ- ଅରୁଣ କୁମାର ରାହା
ସୁପରଭାଇଜର- ସନ୍ତୋଷ କୁମାର ପଣ୍ଡା



ରାଜଭବନ ଛକ ନିକଟ ଜୀବନବୀମା କାର୍ଯ୍ୟାଳୟ ପାର୍ଶ୍ୱ ବାମପଟ ରାସ୍ତାରେ ଗଙ୍ଗନଗର ଆଡକୁ ଗଲାବେଳେ ବନଦୁର୍ଗା ଛକ ନିକଟରେ ବନଜା ଆପାର୍ଟମେଣ୍ଟ ରହିଛି। ଉନ୍ନତ ଜ୍ଞାନକୌଶଳରେ ନିର୍ମିତ ଏହି ଆପାର୍ଟମେଣ୍ଟ ଦେଖିବାକୁ ବେଶ୍ ଆକର୍ଷଣୀୟ। ଏହାର ନିର୍ମାଣଶୈଳୀ ଏବଂ ଏଠାରେ ଉପଲବ୍ଧ ସୁବିଧା ଅନ୍ୟମାନଙ୍କୁ ଆକର୍ଷିତ କରିଥାଏ। ଏଠାରେ ବସବାସ କରୁଥିବା ଲୋକେ ଗୋଟିଏ ପରିବାର ଭଳି ଚଳନ୍ତି। ୮ ମହଲା ବିଶିଷ୍ଟ ଏହି ଆପାର୍ଟମେଣ୍ଟରେ ୨ଟି ବ୍ଲକ ରହିଛି। ଏଠାରେ ଉଭୟ ଓଡ଼ିଆ ଏବଂ ଅଣଓଡ଼ିଆମାନେ ରହୁଛନ୍ତି। ଉଭୟଙ୍କ ସଂସ୍କୃତି ଓ ପରମ୍ପରା ଅନୁସାରେ ପ୍ରତିଟି ଉତ୍ସବକୁ ସମସ୍ତେ ମିଳିମିଶି ପାଳନ କରନ୍ତି। ଆପାର୍ଟମେଣ୍ଟ ବାସିନ୍ଦାଙ୍କ ସୁବିଧା ଲାଗି ଲିଫ୍ଟର ବ୍ୟବସ୍ଥା ରହିଛି। ମୋଟ ପରିବାର ମଧ୍ୟରୁ ୭୦ ଭାଗ ଲୋକ ଭଡାଟିଆ ହୋଇଥିବା ବେଳେ ୩୦ ଭାଗ ଲୋକ ଫ୍ଲାଟ କିଣି ରହୁଛନ୍ତି।

– ରିପୋର୍ଟ: ତ୍ରିନାଥ ମହାନ୍ତି

## ପର୍ବପର୍ବାଣି

ସାଧାରଣତନ୍ତ୍ର ଦିବସ, ସ୍ୱାଧୀନତା ଦିବସ, ଗଣେଶପୂଜା, ସରସ୍ୱତୀପୂଜା, ହୋଲି, ଦୀପାବଳି, ବିଶ୍ୱକର୍ମା ପୂଜା ଓ ନୂଆବର୍ଷକୁ ଧୁମଧାମରେ ପାଳନ କରାଯାଏ। ଆପାର୍ଟମେଣ୍ଟରେ ରହୁଥିବା ସମସ୍ତ ପରିବାର ଏକାଠି ହୋଇ ସବୁ ପର୍ବପର୍ବାଣି ପାଳନ କରିବା ସହ ମନଭରି ଉପଭୋଗ କରନ୍ତି। ହୋଲିରେ ଛୋଟବଡ ସମସ୍ତେ ପରସ୍ପର ସହିତ ମିଶି ରଙ୍ଗ ଖେଳନ୍ତି।

## ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଏ



ଏଠାରେ ସୁରକ୍ଷା ଉପରେ ଅଧିକ ଗୁରୁତ୍ୱ ଦିଆଯାଏ। ଆପାର୍ଟମେଣ୍ଟ ମଧ୍ୟକୁ ଯିବା ପାଇଁ ୪ଟି ଗେଟ୍ ରହିଛି। ସବୁ ଗେଟରେ ସିକ୍ୟୁରିଟି ଗାର୍ଡ ମୁତୟନ ରହିଛନ୍ତି। ସେମାନେ ଅଜଣା ଲୋକଙ୍କୁ ଆପାର୍ଟମେଣ୍ଟ ଭିତରକୁ ଛାଡ଼ନ୍ତି ନାହିଁ। କାହାକୁ ଦେଖା କରିବା ପାଇଁ କେହି ଆସିଲେ ଫ୍ଲାଟର ସମ୍ପୃକ୍ତ ବାସିନ୍ଦାଙ୍କୁ ପଚାରି ବୁଝିବା ପରେ ଭିତରକୁ ଯିବାକୁ ଅନୁମତି ଦିଆଯାଇଥାଏ। ଏଠାରେ ଏକାଧିକ ସିସିଟିଭି କ୍ୟାମେରା ଲାଗିଛି। ଏହାର କଣ୍ଟ୍ରୋଲ ରୁମ୍ ସୋସାଇଟି ରୁମ୍‌ରେ ରହିଛି। ବରିଷ୍ଠ ନାଗରିକମାନେ ନିଜକୁ ସୁରକ୍ଷିତ ଅନୁଭବ କରନ୍ତି।

– ବୀରବର ରଥ, ସଭାପତି

## ଓପନ ଜିମ୍ ମନକୁ ଛୁଏଁ



ରାଜଧାନୀରେ ଥିବା ଅନ୍ୟ ଆପାର୍ଟମେଣ୍ଟରୁ ଏହି ଆପାର୍ଟମେଣ୍ଟ ଭିନ୍ନ। ଏଠାରେ ସବୁ ସୁବିଧା ରହିଛି। ଛୋଟ ପିଲା ଖେଳିବା ପାଇଁ ଛୋଟ ଗ୍ରାଉଣ୍ଡ ରହିଛି। ବିଶେଷକରି ଏଠାରେ ଥିବା ଓପନ ଜିମ୍ ମନକୁ ଛୁଏଁ। ଭୋରୁ ଆପାର୍ଟମେଣ୍ଟ ବାସିନ୍ଦା ଏହି ଜିମ୍‌କୁ ଆସି ବ୍ୟାୟାମ କରନ୍ତି। ଖୋଲା ପବନ ସାଙ୍ଗକୁ ଜିମ୍‌ରେ ଏକ୍ସରସାଇଜ କରିବାର ମଜା ନିଆରା। ଜିମ୍‌କୁ ଲାଗି ଏକ ଖେଳ ପଡିଆ ରହିଛି। ସେଠାରେ ବଡ ପିଲାମାନେ ଭଲିବଲ୍ ଖେଳନ୍ତି। ଆପାର୍ଟମେଣ୍ଟ ତଳେ ଷ୍ଟାଣ୍ଡ ଚେୟାର ପଡିଛି। ସେଠାରେ ଲୋକମାନେ ବସି ଗପସପ ମଧ୍ୟ କରନ୍ତି।

– କବିରଞ୍ଜନ ମିଶ୍ର, ଉପସଭାପତି

## କମ୍ୟୁନିଟି ହଲ୍‌ରେ ପର୍ବପର୍ବାଣି ଆୟୋଜନ ହୁଏ



ପର୍ବପର୍ବାଣିରେ ସମସ୍ତ ସଦସ୍ୟ କମ୍ୟୁନିଟି ହଲ୍‌ରେ ଏକାଠି ହୁଅନ୍ତି। ଉକ୍ତ ହଲ୍‌ରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯିବା ସହ ଭୋଜିଭାତ ହୋଇଥାଏ। କୌଣସି ନୂତନ ଯୋଜନା କାର୍ଯ୍ୟକାରୀ କରିବାକୁ ଥିଲେ ବରିଷ୍ଠ ନାଗରିକମାନଙ୍କ ମତାମତ ନିଆଯାଇଥାଏ। ଯେଉଁ ବରିଷ୍ଠ ନାଗରିକମାନଙ୍କ ପୁଅବୋହୂ ବାହାରେ ରହୁଛନ୍ତି ସେମାନେ କେବେ ନିଜକୁ ଏକୁଟିଆ ଅନୁଭବ କରନ୍ତି ନାହିଁ। ଆପାର୍ଟମେଣ୍ଟ ପରିସରରେ କୌଣସି ଆପରାଧିକ କାର୍ଯ୍ୟ ଦେଖିବାକୁ ମିଳିନାହିଁ।

– ନୀଳମଣି ମହାନ୍ତି, ଯୁଗ୍ମ ସମ୍ପାଦକ

## ୨୪ ଘଣ୍ଟିଆ ବିଦ୍ୟୁତ୍, ପାଣି ସୁବିଧା ରହିଛି



ଏଠାରେ ୨୪ ଘଣ୍ଟିଆ ପାଣି ଓ ବିଦ୍ୟୁତ୍ ସୁବିଧା ରହିଛି। ଯଦି କାଁ ଭାଁ ବିଦ୍ୟୁତ୍ ଚାଲିଯାଏ ତେବେ ଜେନେରେଟର ରହିଛି। ଆପାର୍ଟମେଣ୍ଟରେ ବସବାସ କରୁଥିବା ପ୍ରାୟ ସମସ୍ତ ସଦସ୍ୟ ନିରାପଦ ଜୀବନଯାପନ କରନ୍ତି। ବାସିନ୍ଦାଙ୍କ ପାଇଁ ଏଠାରେ ଲିଫ୍ଟର ବ୍ୟବସ୍ଥା ରହିଛି, ଯାହାଦ୍ୱାରା ବରିଷ୍ଠ ନାଗରିକମାନେ ଅଧିକ ଉପକୃତ ହୁଅନ୍ତି। ଏଠାରେ ରହୁଥିବା ସଦସ୍ୟମାନେ କେବେ ପରସ୍ପର ମଧ୍ୟରେ କଳିଝଗଡ଼ା କରନ୍ତି ନାହିଁ। ସମସ୍ତେ ଗୋଟିଏ ପରିବାର ଭଳି ଚଳନ୍ତି।

– ସନ୍ତୋଷ କୁମାର ପଣ୍ଡା, ସୁପରଭାଇଜର

## ମା'ବନଦୁର୍ଗାଙ୍କ କୃପା ରହିଛି




ମନ୍ଦିର ନିକଟରେ ବନଦୁର୍ଗା ମନ୍ଦିର ରହିଛି। ଏଠାରେ ରହୁଥିବା ବ୍ୟକ୍ତିମାନେ ଈଶ୍ୱର ବିଶ୍ୱାସୀ। ତେଣୁ ଆପାର୍ଟମେଣ୍ଟ ବାସିନ୍ଦାଙ୍କ ଉପରେ ମା' ବନଦୁର୍ଗାଙ୍କ ଆଶୀର୍ବାଦ ରହିଛି। ଯଦି କାହାର କିଛି ସମସ୍ୟା ହୁଏ, ତେବେ ସେ ମା'ଙ୍କୁ ନିଜ ଦୁଃଖ ଜଣାନ୍ତି। ଅନେକଙ୍କ କ୍ଷେତ୍ରରେ ମା'ଙ୍କ କୃପା ଦେଖିବାକୁ ମିଳିଛି। ତେଣୁ ଏହି ଆପାର୍ଟମେଣ୍ଟ ରାଜଧାନୀର ଅନ୍ୟ ଆପାର୍ଟମେଣ୍ଟଠାରୁ ଭିନ୍ନ।

– ଅରୁଣ କୁମାର ରାହା, କୋଷାଧ୍ୟକ୍ଷ

ନିଜ କଥା

# ପୁଅର ଅଭିନୟ ଆଖିରେ ଲୁହ ଭରି ଦେଇଥିଲା

**ପୁଅର ଅଭିନୟ ମୋ ଆଖିରେ ଲୁହ ଭରି ଦେଇଥିଲା। ଓଡ଼ିଆ ଚଳଚ୍ଚିତ୍ର ଜଗତର ଜଣାଶୁଣା ଅଭିନେତା ବିଜୟ ମହାନ୍ତିଙ୍କ ସହିତ ମୋ ପୁଅ ଅଂଶୁମାନ 'ଅନ୍ତର୍ଲିନ' ନାମକ ଏକ ଚଳଚ୍ଚିତ୍ରରେ ଜଣେ ଅଟିଷ୍ଟିକ ଶିଶୁ ଭୂମିକାରେ ଅଭିନୟ କରିଥିଲେ। ବିଜୁ ପଟ୍ଟନାୟକ ଟିଭି ଓ ଫିଲ୍ମ ଇନଷ୍ଟିଚ୍ୟୁଟରେ ଏହି ସିନେମା ପ୍ରଦର୍ଶିତ ହେଉଥାଏ। ଭରପୂର ଦର୍ଶକ ଯେତେବେଳେ ଅଂଶୁମାନର ନିଖୁଣ ଅଭିନୟ ଦେଖି ତାଳି ମାରିଥିଲେ ସେତେବେଳେ ମୁଁ ଭାବବିହ୍ୱଳ ହୋଇ ପଡିଥିଲି। ଏହି କଥା କହିଛନ୍ତି ପୂର୍ବ ଭାରତର ଏକମାତ୍ର ମହିଳା କ୍ୱାଲିଫାଏଡ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜିଷ୍ଟ ତଥା ଏସସିବି ମେଡିକାଲ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ବିଭାଗର ସହକାରୀ ପ୍ରଫେସର ଡା. ହରିଭକ୍ତି ସେବା ଦାସ। ୧୯୬୮ରେ ବାଲେଶ୍ୱର ସହରରେ ଜନ୍ମ ଗ୍ରହଣ କରିଥିବା ଏହି ମହିଳା ଡାକ୍ତର ୧୯୮୩ରେ ମାଟ୍ରିକ ପାସ କରିବା ପରେ ବ୍ରହ୍ମପୁର ମେଡିକାଲ କଲେଜରୁ ଏମ୍‌ବିବିଏସ, ପିଜି ଓ ପରେ ବମ୍ବେରେ ଡିଏମ ପାଠ୍ୟକ୍ରମ ଶେଷ କରି ଏବେ ରୋଗୀ ସେବା ଜାରି ରଖିଛନ୍ତି। ଡାକ୍ତର ଦାସଙ୍କ ବ୍ୟକ୍ତିଗତ ଜୀବନ ସମ୍ପର୍କରେ ତାଙ୍କୁ ପଚରାଯାଇଥିବା କେତୋଟି ପ୍ରଶ୍ନ।**



**ପ୍ରଥମ ଦରମାରେ କ'ଣ କରିଥିଲେ?**
୧୯୯୦ରେ ଏମବିବିଏସ୍ ଶେଷ ପରେ ହାଉସମେନଶିପ୍(ଇଣ୍ଟର୍ନଶିପ)ରେ ୧୦୦୦ ଟଙ୍କା ଷ୍ଟାଇପେଣ୍ଡ ଆକାରରେ ମିଳିଥିଲା। ଫଟୋ ଉଠାଇବା ମୋର ଏକ ସଉକ। ପ୍ରଥମ ଦରମାରେ ଏକ କ୍ୟାମେରା କିଣିଥିଲି।

**କେଉଁ ରଙ୍ଗକୁ ପସନ୍ଦ କରନ୍ତି?**
ମୁଁ ନାଲି ରଙ୍ଗର ପୋଷାକ ପିନ୍ଧିଲେ ବିଭୂତି(ସ୍ୱାମୀ–ବିଭୂତି ଭୂଷଣ ନାୟକ, ସହଯୋଗୀ ପ୍ରଫେସର, ପ୍ଲାଷ୍ଟିକ୍ ସର୍ଜରୀ ବିଭାଗ, ଏସ୍‌ସିବି ମେଡିକାଲ) ପସନ୍ଦ କରନ୍ତି। ତେଣୁ ନାଲି ରଙ୍ଗ ପ୍ରତି ମୋର ଅହେତୁକ ଦୁର୍ବଳତା।

**କେଉଁ ଖାଦ୍ୟକୁ ଭଲ ରୋଷେଇ କରି ଜାଣନ୍ତି?**
ରୋଷେଇରେ ସେତେଟା ସିଦ୍ଧହସ୍ତ ନୁହେଁ। ତେବେ ନର୍ମାଲ ରୋଷେଇ କରିବାରେ କିଛି ଅସୁବିଧା ନାହିଁ।

**ସିନେମା ଦେଖନ୍ତି?**
ସିନେମା ଦେଖିବାକୁ ମୋତେ ବହୁତ ଭଲ ଲାଗେ। ଅମିତାଭ ବଚ୍ଚନ ଓ ରେଖା ମୋର ପ୍ରସନ୍ଦର ଅଭିନେତା, ଅଭିନେତ୍ରୀ। ଶେଷଥର ପାଇଁ ଅକ୍ଷୟ କୁମାର ଅଭିନୀତ 'ଗୋଲ୍ଡ' ଚଳଚ୍ଚିତ୍ର ଦେଖିଥିଲି।

**ଗୀତ ଶୁଣନ୍ତି?**
ଗୀତ ଶୁଣିବା ପ୍ରତି ମୋର ଦୁର୍ବଳତା ରହିଛି। ଲତା ମଙ୍ଗେସ୍କର ଓ ମହମ୍ମଦ ରଫିଙ୍କ ସହିତ ପ୍ରଣବ ପଟ୍ଟନାୟକଙ୍କ ଗୀତ ମୋତେ ଭଲ ଲାଗିଥାଏ।

**ବହି ପଢନ୍ତି?**
ପଢାପଢି, ଲେଖାଲେଖି ପ୍ରତି ବହୁତ ଦୁର୍ବଳତା। ଅନେକ ଗଳ୍ପ ଓ କବିତା ମୁଁ ଲେଖିଛି। ସ୍କୁଲ କ୍ୟାରିୟରରୁ ମୁଁ ବକ୍ତୃତା ଦେବାରେ ଏକ୍ସପର୍ଟ ଥିଲି। ହେଲେ ଏବେ ଝିଅ ମେଡିକାଲ ପଢୁଥିବାରୁ ତା' ପାଠ ପଢାରେ ମୋତେ ସମୟ ଦେବାକୁ ପଡୁଛି। ଏହାବାଦ୍ ବୃତ୍ତିଗତ ଜୀବନରେ ମଧ୍ୟ ଫୁରସତ ମିଳୁ ନ ଥିବାରୁ ଲେଖାଲେଖି ଓ ପଢାପଢି ପାଇଁ ସମୟ ପାଉନି।

**ମାର୍କେଟିଂ କରନ୍ତି?**
ନିୟମିତ ମାର୍କେଟିଂ କରିଥାଏ। ପିଲାମାନଙ୍କୁ ନେଇ ମାର୍କେଟିଂ କରିବାରେ ବହୁତ ଆନନ୍ଦ ପାଇଥାଏ।

**ଲଭ୍ ନା ଆରେଞ୍ଜ ମ୍ୟାରେଜ?**
ସମ୍ପୂର୍ଣ୍ଣ ପ୍ରେମ ବିବାହ। ବିଭୂତି ଓ ମୁଁ ବ୍ରହ୍ମପୁର ମେଡିକାଲ କଲେଜରେ ସାଙ୍ଗ ହୋଇ ପଢୁଥିଲୁ। କ୍ଲାସରୁମ୍‌ରୁ ପରସ୍ପରକୁ ଭଲ ପାଇ ବସିଥିଲୁ ଓ ଶେଷରେ ସାରା ଜୀବନ ଏକାଠି ରହିବାକୁ ନିଷ୍ପତ୍ତି ନେଇଥିଲୁ।

**ସ୍ୱାମୀଙ୍କ କେଉଁ ଗୁଣ ଆପଣଙ୍କୁ ଭଲ ଲାଗେ?**
ବିଭୂତି ହେଉଛନ୍ତି ବହୁତ ସରଳ ଓ ନିଷ୍ଠାପର। କାହାରି ମନରେ ଆଘାତ ଦେବା ଭଳି କଥା ସେ କୁହନ୍ତି ନାହିଁ। ତାଙ୍କର ଏହିସବୁ ଗୁଣ ମୋତେ ବହୁତ ଭଲ ଲାଗିଥାଏ।

**ଜୀବନର ଅଭୁଲା ସ୍ମୃତି?**
ପୁଅ ଅଂଶୁମାନର ଅଭିନୟ ଦେଖି ଯେତେବେଳେ ଦର୍ଶକମାନେ ଭୂରି ଭୂରି ପ୍ରଶଂସା କରିଥିଲେ ମୋତେ ସେତେବେଳେ ବହୁତ ଆନନ୍ଦ ଲାଗିଥିଲା। ସେ ଦିନ ମୋର ସବୁଦିନ ମନେରହିବ।

**–ସାକ୍ଷାତ୍: ନିର୍ମଳ ପଣ୍ଡା**



ମୋ ଅନୁଭୂତି

**ଅଭିନେତା ତଥା ମଡେଲ: ଶୁଭାଶିଷ ଶର୍ମା**

| ଜନ୍ମ: ଏପ୍ରିଲ ୧ | ବର୍ତ୍ତମାନ ଠିକଣା: କଟକ |
|---|---|

**ସଫଳତା: ଏକାଧିକ ମେଗା ଧାରାବାହିକ ଏବଂ ୧୫ରୁ ଊର୍ଦ୍ଧ୍ୱ ଚଳଚ୍ଚିତ୍ରରେ ଅଭିନୟ। 'ନିଶ୍ୱାସ ତୋ ବିନା ଚାଲେନା', 'ମୁଁ ତୋ ଦିୱାନା', 'ପ୍ରିୟାରେ', 'ଫେରିଲା ନିଃଶ୍ୱାସ' ଭଳି ଅନେକ ମ୍ୟୁଜିକ୍ ଭିଡିଓରେ ଅଭିନୟ କରିଛନ୍ତି। ଦଶହରାରେ ରିଲିଜ୍ ଅପେକ୍ଷାରେ 'ସାଥୀ ତୁ ଫେରି ଆ'।**

# ନାଳରେ ବୁଡ଼ି ଯାଉ ଯାଉ ଅଳ୍ପକେ ବଞ୍ଚିଥିଲି

ଧାରାବାହିକ 'ତୁଳସୀ'ରେ କ୍ରିଷ୍ଣା ଚରିତ୍ରରେ ପ୍ରଥମ କରି ପରଦାକୁ ଓହ୍ଲାଇଥିଲେ ଅଭିନେତା ଶୁଭାଶିଷ୍ ଶର୍ମା (ଡାକ ନାମ ମଣ୍ଟୁ)। ପରେ ସେ 'ଅପା', 'ଆଇନା' ଭଳି ଅନେକ ଧାରାବାହିକରେ ନିଜ ଅଭିନୟର ଯାଦୁ ଦେଖାଇବାର ସୁଯୋଗ ପାଇଥିଲେ। ତେବେ ମେଗା ଧାରାବାହିକ 'ସ୍ୱାଭିମାନ'ର ଆଦିତ୍ୟ ବା ଆଦି ନାମରେ କରିଥିବା ଅଭିନୟ ତାଙ୍କ ଜୀବନର ଟର୍ନିଂ ପଏଣ୍ଟ ସାଜିଥିଲା। ସେହିପରି ୨୦୧୦ରେ ଓଡ଼ିଆ ଚଳଚ୍ଚିତ୍ର 'ପ୍ରେମ ଅଢେଇ ଅକ୍ଷର'ରୁ ସେ ଫିଲ୍ମ ଦୁନିଆକୁ ପ୍ରବେଶ କରିଥିଲେ। ଏହା ମଧ୍ୟରେ 'କିଏ ସେ ଡାକୁଛି କୋଉଠି ମତେ', 'କ୍ରିମିନାଲ୍', 'ତୁ ମୋ ଆରମ୍ଭ ତୁ ମୋ ଶେଷ', 'କ୍ରିଷ୍ଣା ଗୋବିନ୍ଦା' ଭଳି ଅନେକ ଚଳଚ୍ଚିତ୍ରରେ ଅଭିନୟ କରି ସାରିଛନ୍ତି। ତାଙ୍କର ପିଲାଟି ଦିନରୁ ଅଭିନୟ ପ୍ରତି ଅହେତୁକ ଆଗ୍ରହ ରହିଥିଲା। ବିଶେଷକରି ଅଭିନେତା ସିଦ୍ଧାନ୍ତ ମହାପାତ୍ରଙ୍କୁ ଦେଖି ସେ ଅଭିନୟ ପ୍ରତି ଆକୃଷ୍ଟ ହୋଇଥିଲେ। ଛୋଟବେଳର ଏହି ସ୍ୱପ୍ନକୁ ସାକାର କରିବାରେ ସନ୍ଦୀପ ରାଉତ ଏବଂ ସୁବ୍ରତ ନାୟକ ପ୍ରଥମେ ସହାୟକ ହୋଇଥିଲେ। ନିଜ ଛୋଟବେଳର ଏକ ଅଭୁଲା ସ୍ମୃତିକୁ ସେ କହିଛନ୍ତି ଆମ ଆଗରେ।

ଛୋଟବେଳେ ମୁଁ ଆମ ଗାଁ କେନ୍ଦ୍ରାପଡ଼ାରେ ରହି ପାଠ ପଢୁଥିଲି। ସେତେବେଳେ ଷଷ୍ଠ ଶ୍ରେଣୀରେ ପଢୁଥାଏ। ସ୍ୱଭାବରେ ମୁଁ ସେତେ ଦୁଷ୍ଟ ନ ଥିବାରୁ ପ୍ରାୟ ସମସ୍ତଙ୍କ ସହ ମୋର ଭଲ ବନ୍ଧୁତା ଥିଲା। ପ୍ରତିଦିନ ସ୍କୁଲ ଯିବା ପୂର୍ବରୁ ଗାଁରେ ଥିବା ଏକ ନାଳକୁ ଗାଧୋଇବାକୁ ଯାଉ। ସବୁଦିନ ଭଳି ସେଦିନ ବି ସାଙ୍ଗମାନେ ମିଶି ନାଳକୁ ଯାଇଥିଲୁ। ଏମିତି ମଜା ମସ୍ତି କରିବା ଭିତରେ ସାଙ୍ଗମାନେ ମତେ ନାଳକୁ ପେଲିଦେଲେ। ମୁଁ ପହଁରା ଶିଖି ନ ଥାଏ। ପୁଣି ସେତେବେଳେ ନାଳରେ ଅଧିକ ପାଣି ଥିବାରୁ ମୁଁ ପ୍ରାୟ ବୁଡିବା ଅବସ୍ଥାରେ ଥାଏ। ବୁଡି ଯାଉଛି ମତେ ପାଣିରୁ ବାହାର କର ବୋଲି ମୁଁ ପାଟିକରି ସାଙ୍ଗମାନଙ୍କୁ ଡାକୁଥାଏ। ମାତ୍ର ସେମାନେ ମତେ ଦେଖି ହସୁଥାନ୍ତି। ମୁଁ ଯେ ସତରେ ବୁଡିଯାଉଛି ସେ କଥା ବିଶ୍ୱାସ କରୁ ନ ଥାନ୍ତି। ପାଣି ଭିତରେ ବୁଡି ବୁଡି ଶେଷରେ ବହୁତ କଷ୍ଟରେ ନାଳ କଡରେ ଥିବା ଲତାକୁ ଧରି ପାଣିରୁ ଉଠିଥିଲି। ନାଳରୁ ବାହାରକୁ ଆସିବା ପରେ ସାଙ୍ଗମାନଙ୍କୁ ରାଗିବା ସହ ମୁଁ ସତରେ ବୁଡି ଯାଉଥିଲି ବୋଲି କହିଥିଲି। ତା'ପରେ ସେମାନେ ନିଜର ଭୁଲ୍ ବୁଝି ମତେ କ୍ଷମା ମାଗିଥିଲେ। ଘରେ ଜାଣିଲେ ଅଯଥାରେ ବ୍ୟସ୍ତ ହେବେ ବୋଲି ଏକଥା କହି ନ ଥିଲି। ମାତ୍ର ସେଦିନର ସେହି ଘଟଣା ମନେପଡ଼ିଲେ ଆଜି ବି ଭୟ ଲାଗେ।

**– ରିପୋର୍ଟ: ବନ୍ଦନା ସେଠୀ**

# ଶ୍ରୋତାଙ୍କ ସହ ସମ୍ପର୍କ ମୋ ରିଲେଶନ୍‌ଶିପ୍ ଗୋଲ୍

ଧରିତ୍ରୀ ଆଳାପ

**୮୦ଟି ଫିଲ୍ମ, ୫୦୦ ଆଲବମ୍ ଓ ୧୫ଟି ଟେଲି ସିରିଏଲ୍‌ର ଟାଇଟଲ ଟ୍ରାକ୍। କେବଳ ଏତିକି ନୁହେଁ, ୮୦୦ରୁ ଊର୍ଦ୍ଧ୍ୱ ମ୍ୟୁଜିକ୍ ଭିଡିଓରେ କଣ୍ଠଦାନ କରିଛନ୍ତି ଅନ୍ତରା ଚକ୍ରବର୍ତ୍ତୀ। ସଙ୍ଗୀତ କ୍ଷେତ୍ରରେ ଉତ୍କର୍ଷ ଲାଗି ଓଡ଼ିଆ ଫିଲ୍ମ ଓ ମ୍ୟୁଜିକ୍ ଇଣ୍ଡଷ୍ଟ୍ରିର ଜଣେ ବହୁ ପରିଚିତ ଚେହେରା ପାଲଟିଛନ୍ତି ଏହି ଯୁବ କଣ୍ଠଶିଳ୍ପୀ। ସୁମଧୁର କଣ୍ଠସ୍ୱର ସାଙ୍ଗକୁ ବ୍ୟକ୍ତିତ୍ୱରେ ଥିବା ନିଆରାପଣ ଆଜି ତାଙ୍କୁ ଜଣେ ଶ୍ରେଷ୍ଠ ପ୍ରଚ୍ଛଦପଟ କଣ୍ଠଶିଳ୍ପୀର ପରିଚୟ ଦେଇଛି। ଭଜନରୁ ଆରମ୍ଭକରି ରୋମାଣ୍ଟିକ୍, ଇଣ୍ଡୋ-ୱେଷ୍ଟର୍ନ ଗୀତ ପର୍ଯ୍ୟନ୍ତ, ସବୁଥିରେ ନିଜର ପାରଦର୍ଶିତା ଦେଖାଇଛନ୍ତି ଅନ୍ତରା। ସର୍ବକନିଷ୍ଠ ଶିଳ୍ପୀଭାବେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇବାର ସଫଳତା ମଧ୍ୟ ତାଙ୍କ ନାମରେ ରହିଛି। ଓଡ଼ିଆରୁ ବଙ୍ଗଳା ଏବଂ ଏବେ ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରି ଆଡକୁ ମୁହାଁଉଥିବା ଏହି ୨୫ବର୍ଷୀୟ କଣ୍ଠଶିଳ୍ପୀ ରାଜ୍ୟ ଏବଂ ଦେଶ ବାହାରେ ଓଡ଼ିଆ ଗୀତ ପରିବେଷଣ କରି ଓଡ଼ିଶାର ଟେକକୁ ଆହୁରି ଉପରକୁ ନେଇଛନ୍ତି। ଏଥର 'ଧରିତ୍ରୀ ଆଳାପ' ସ୍ତମ୍ଭରେ ଅନ୍ତରାଙ୍କ ସହ ଆମର କିଛି ସ୍ୱତନ୍ତ୍ର କଥାବାର୍ତ୍ତା।**

## ଅନ୍ତରା ଚକ୍ରବର୍ତ୍ତୀ

**ମ୍ୟୁଜିକ୍ ଜର୍ନି କେବେଠାରୁ ଆରମ୍ଭ କରିଥିଲେ? କିଏ ଏଥିପାଇଁ ପ୍ରେରଣା ଦେଇଥିଲେ?**
ବହୁତ ଛୋଟବେଳୁ ମ୍ୟୁଜିକ୍ ଶିଖିବା ଆରମ୍ଭ କରିଥିଲି। ୪ବର୍ଷରେ ପ୍ରଥମେ ମା'ଙ୍କ ଠାରୁ ଗୀତ ଶିଖୁଥିଲି ଓ ପରେ ହିନ୍ଦୁସ୍ତାନୀ କ୍ଲାସିକାଲ୍ ମ୍ୟୁଜିକ୍‌ରେ ଟ୍ରେନିଂ ନେଇଥିଲି। କ୍ଲାସ୍ ୭ରେ ପଢ଼ିବା ବେଳେ ସରୋଜ ପରିଡ଼ାଙ୍କ ପାଖରେ ଯେତେବେଳେ ଗୀତ ଶିଖୁଥିଲି, ସେତେବେଳେ ବସନ୍ତ ସାର୍‌ଙ୍କ 'ମଉଡମଣି' ଫିଲ୍ମର ଶୁଟିଂ ହେଉଥିଲା। ସାର୍ ମୋତେ ଗୀତ ଗାଇବାକୁ ସେଠିକୁ ନେଇକି ଯାଇଥିଲେ। ଜଣେ ଶିଶୁକଳାକାରଙ୍କ ପାଇଁ ଗୀତ ଗାଇଥିଲି। ଏହାପରେ କ୍ଲାସ୍ ୯ରେ ପଢ଼ିବା ବେଳେ ଏକ ପ୍ରୋଗ୍ରାମରେ ଗୀତ ଗାଉଥିବା ସମୟରେ ଅଭିଜିତ ଦା' ତାଙ୍କ ଫିଲ୍ମ ପାଇଁ ଅଫର୍ ଦେଇଥିଲେ। 'ଜଗୁ ଅଟୋବାଲା' ଫିଲ୍ମର 'ଭିଜା ଭିଜା କୁହୁଡି ତଳେ' ଗୀତ ମୋର ପ୍ରଥମ ବ୍ରେକ୍ ଥିଲା। ମୋ ବାବା, ମା' ହିଁ ମୋର ସବୁଠାରୁ ବଡ଼ ପ୍ରେରଣା।

**ରିଆଲିଟି ଶୋ' ଆପଣଙ୍କୁ ଜଣେ ପ୍ରମୁଖ ପ୍ଲେବ୍ୟାକ୍ ସିଙ୍ଗର ହେବାରେ ସାହାଯ୍ୟ କରିଥିଲା କି?**
ମୁଁ କୌଣସି ରିଆଲିଟି ଶୋ'କୁ ଯାଇନି କି କେବେ ଭାଗନେଇନି। ମୋ ମତରେ ରିଆଲିଟି ଶୋ' କ୍ଷଣିକ ସଫଳତା ଦିଏ। ଇଣ୍ଡଷ୍ଟ୍ରିରେ ଦୀର୍ଘକାଳ ପାଇଁ ରହିବାକୁ ହେଲେ କଠିନ ପରିଶ୍ରମ କରିବା ଦରକାର। ସେଥିପାଇଁ ମୁଁ ରିଆଲିଟି ଶୋ'ର ମାଧମ ନୁହେଁ, ସିଧା ବାଟକୁ ପସନ୍ଦ କରେ।

**ସୋସିଆଲ ମିଡିଆ ଏବଂ ରିଆଲିଟି ଶୋ' ପ୍ଲାଟଫର୍ମ ବଡିଂ ଟ୍ୟାଲେଣ୍ଟମାନଙ୍କୁ ନିଜ ପ୍ରତିଭା ପ୍ରଦର୍ଶନ ପାଇଁ କେତେଦୂର ସାହାଯ୍ୟ କରୁଛି?**
ପ୍ରତିଭା ପ୍ରଦର୍ଶନ କ୍ଷେତ୍ରରେ ସୋସିଆଲ ମିଡିଆ ନିଶ୍ଚୟ ସାହାଯ୍ୟ କରୁଛି। ଏଥିରେ କୌଣସି ସମସ୍ୟା ନାହିଁ। ଆପଣ ନିଜ ମନମୁତାବକ ଗୀତ ଏଠାରେ ଗାଇପାରିବେ ଓ ନିଜ ପବ୍ଲିସିଟି ପାଇଁ ତାକୁ ଶେୟାର କରିପାରବେ। ଯେଉଁଥିରୁ ଖୁସି ମିଳିବ ଓ କାମ ବି ମିଳିବ। ହେଲେ ମୋ ମତରେ ରିଆଲିଟି ଶୋ' ଏକ ଭୁଲ୍ ଫର୍ମୁଲା। କାରଣ କ୍ରିଏଟିଭ୍ ଆର୍ଟରେ କେବେ ପ୍ରତିଯୋଗିତା ହେବାକଥା ନୁହେଁ। ଯଦି ୧୦ଜଣ କଣ୍ଠଶିଳ୍ପୀ ଗାଉଛନ୍ତି ସେମାନଙ୍କର ଗାଇବା ଶୈଳୀ ଭିନ୍ନ। ଗଳା ଓ କଣ୍ଠସ୍ୱର ଭିନ୍ନ। ତେଣୁ ସେମାନଙ୍କ ଭିତରୁ ପ୍ରଥମ, ଦ୍ୱିତୀୟ, ତୃତୀୟ ବାଛିବା ପ୍ରଥମତଃ ଭୁଲ୍। ସେଥିପାଇଁ ମୁଁ ଆଜିଯାଏ କୌଣସି ରିଆଲିଟି ଶୋ'ରେ ଭାଗନେଇନି।

**ୟୁଟ୍ୟୁବ୍, କାରାଓକେ, ଷ୍ଟାର୍‌ମେକର୍ ଭଳି ଆପ୍ ଯୁଗରେ ସମସ୍ତେ ନିଜକୁ ଜଣେ ଜଣେ ସିଙ୍ଗର୍ ଭାବୁଛନ୍ତି। ସେନେଇ କ'ଣ କହିବେ?**
'ଷ୍ଟାର୍‌ମେକର' ଏକ ଆପ୍ ଅଛି ବୋଲି ମୁଁ ବହୁ ପରେ ଜାଣିଲି। ମୋ ଶ୍ରୋତାମାନେ ଯେତେବେଳେ ମୋ ଗୀତର ଟ୍ରାକ୍‌ରେ ଗାଇ ମୋତେ ଆପ୍ ଲିଙ୍କ୍ ପଠାଇଲେ ସେତେବେଳେ ମୁଁ ଏହା ବିଷୟରେ ଜାଣିଲି। ଦେଖିବାକୁ ଗଲେ କେତେକ ଦୃଷ୍ଟିରୁ ଏହା ଭଲ। ବିଶେଷକରି ଯାହା ପାଖରେ ପ୍ରତିଭା ଅଛି ହେଲେ ସ୍କୋପ୍ ନାହିଁ, ସେମାନଙ୍କ ପାଇଁ ଏଭଳି ଆପ୍ ସୁଯୋଗ ସୃଷ୍ଟି କରୁଛି। ନିଜ ପ୍ରତିଭାକୁ ସେମାନେ ଏହା ମାଧମରେ ଦେଖିପାରୁଛନ୍ତି। ଏହାବ୍ୟତୀତ ଟାଇମ୍‌ପାସ୍ ଓ ଫନ୍ କରିବା ପାଇଁ ଏହା ଏକ ଭଲ ମାଧମ। ମୁଁ ବି ଏବେ ଫାଙ୍କା ସମୟରେ ଷ୍ଟାର୍‌ମେକର ଟ୍ରାଏ କରୁଛି।

**କଭର୍ ସଙ୍ଗ୍ କରିବା ଆଜିକାଲି ଏକ ଟ୍ରେଣ୍ଡରେ ପରିଣତ ହେଲାଣି। ଆପଣ କେବେ ଟ୍ରାଏ କରିଛନ୍ତି?**
ମୁଁ କେବେ କଭର ସଙ୍ଗ୍ କରିନି, ଯାହା ବି କରିଛି ନୂଆ କମ୍ପୋଜିଶନକୁ ନେଇ କରିଛି। କିଛିଦିନ ତଳେ ମୋର ହିନ୍ଦୀ ସିଙ୍ଗିଲ 'ସପ୍ନୋ କା ଯାହାଁ' ୟୁଟ୍ୟୁବ୍‌ରେ ରିଲିଜ ହୋଇଥିଲା। ଏହାବ୍ୟତୀତ ବହୁ ମ୍ୟୁଜିକ ଭିଡିଓ ପାଇଁ ବି ଗାଉଛି। ମ୍ୟୁଜିକ୍‌କୁ ଯେଉଁମାନେ ନୂଆ ଆସୁଛନ୍ତି ବା ଯେଉଁମାନେ ଇଣ୍ଡଷ୍ଟ୍ରି ପାଇଁ ଫ୍ରେଶର ସେମାନେ କଭର କଲେ ଲାଭଦାୟକ ହେବ। ଯେହେତୁ ଆମେ କିଛିବର୍ଷ ହେଲା କାମ କରୁଛୁ, ଆମ ଗୀତ ଲୋକ ଶୁଣୁଛନ୍ତି, ତେଣୁ କଭର କରିକି କିଛି ଫାଇଦା ନାହିଁ।

**ଗାଇବାକୁ ଏବଂ ଶୁଣିବାକୁ କେଉଁ ପ୍ରକାରର ମ୍ୟୁଜିକ୍ ଭଲଲାଗେ? କ୍ଲାସିକାଲ, ଫୋକ୍, ଇଡିଏମ୍, ପପ୍ ନା ଆଉ କିଛି?**
ମୁଁ କ୍ଲାସିକାଲ ଶିଖିଛି। ହିନ୍ଦୁସ୍ତାନୀ କ୍ଲାସିକାଲରେ ବିଶାରଦ କରିଛି। ହେଲେ ଗାଇବାକୁ ସବୁପ୍ରକାର ଗୀତ ଭଲଲାଗେ। ରୋମାଣ୍ଟିକ୍ ଓ ଇଣ୍ଡୋ-ୱେଷ୍ଟର୍ନ ବେଶି ଭଲଲାଗେ। ଶୁଣିବା ସବୁବେଳେ ମୋ ମୁଡ୍ ଉପରେ ନିର୍ଭର କରେ।

**ଷ୍ଟେଜ୍‌ରେ ଏକ ସ୍ମରଣୀୟ ମୁହୂର୍ତ୍ତ ସମ୍ପର୍କରେ କହିବେ?**
ମୁଁ ପ୍ରଥମଥର ପାଇଁ ଆମେରିକାରେ ଏକ ଷ୍ଟେଜ୍ ଶୋ' କରୁଥିଲି। ମନରେ ବହୁତ ଡର ଥିଲା ଓ ନର୍ଭସ ଥିଲି। କାରଣ ସେଠାରେ ମୁଁ ସବୁଠାରୁ ସାନ ପର୍ଫମର ଥିଲି। ହେଲେ ମୋ ଆଶଙ୍କା ଭୁଲ୍ ପ୍ରମାଣିତ ହେଲା। ଲୋକମାନେ ବହୁତ ଭଲ ପାଇଥିଲେ। ପ୍ରତ୍ୟେକ ଗୀତ ସରିବା ପରେ ସେମାନେ ଆଉଥରେ ଗାଇବାକୁ ଅନୁରୋଧ କରିଥିଲେ। ଗୋଟେ ଗୋଟେ ଗୀତ ୫/୬ ଥର ଲେଖାଏ ଗାଇଥିଲି। ଓସା କନ୍‌ଭେନସନ୍‌ର ମେମୋରି ମୋ ପାଇଁ ବହୁତ ମେମୋରେବୁଲ୍ ଥିଲା।

**ଦେଶ ବାହାରେ ଆପଣ ଅନେକଥର ଓଡ଼ିଆ ଗୀତ ଗାଇବାର ସୁଯୋଗ ପାଇଛନ୍ତି। କେମିତି ରେସ୍‌ପନ୍ସ ମିଳେ?**
ଭଲ ରେସ୍‌ପନ୍ସ ମିଳେ। ବିଶେଷକରି ପ୍ରବାସୀ ଓଡ଼ିଆମାନେ ପୁରୁଣା ଓଡ଼ିଆ ଗୀତ ଶୁଣିବାକୁ ଭଲପାଆନ୍ତି ଓ ପୁରୁଣା ଓଡ଼ିଆ ଗୀତ ଗାଇବାକୁ ଡିମାଣ୍ଡ କରନ୍ତି। ଯେଉଁ ଗୀତଗୁଡିକ ସେମାନଙ୍କୁ ଓଡ଼ିଶାର ପୁରୁଣା ସ୍ମୃତି ମନେପକାଇଦିଏ।

**ମ୍ୟୁଜିକ୍ ଇଣ୍ଡଷ୍ଟ୍ରିରେ ଫେଭରାଇଟ୍ କିଏ? କାହାକୁ ଆଇଡଲ୍ ମାନନ୍ତି? କୋ ସିଙ୍ଗର୍‌ଭାବେ କାହାସହ ଗୀତ ଗାଇବାକୁ ଅଧିକ ଭଲଲାଗେ?**
ଅକ୍ଷୟ ମହାନ୍ତି, ବାଳକୃଷ୍ଣ ଦାଶ, ଶାନ୍ତନୁ ମହାପାତ୍ର, ପ୍ରଫୁଲ୍ଲ କର। ଏମାନଙ୍କ ଗୀତର ମୁଁ ବହୁତ ବଡ଼ ଫ୍ୟାନ୍। ଏମାନଙ୍କ ଗୀତ ଶୁଣି ହିଁ ମୁଁ ବଡ଼ ହୋଇଛି। କହିବାକୁ ଗଲେ, ଏମାନଙ୍କ ପାଇଁ ମୁଁ ଆଜି ଓଡ଼ିଆ ଗୀତ ଜାଣିଛି। କୋ-ସିଙ୍ଗର କଥା କହିଲେ ପ୍ରାୟ ସମସ୍ତଙ୍କ ସହ ମୁଁ ଗାଇଛି। ସମସ୍ତଙ୍କ ସହ ଗାଇବାକୁ ଭଲଲାଗେ। ନିକଟରେ ମୁଁ ପ୍ରଣବ ପଟ୍ଟନାୟକଙ୍କ ସହ ଏକ ଗୀତ ଗାଉଥିଲି। ସେ କହିଲେ, ନୂଆପିଢ଼ିର ଯଦି କୌଣସି କଣ୍ଠଶିଳ୍ପୀଙ୍କ ସହ ମୁଁ ଡୁଏଟ୍ ଗାଇବି, ତାହେଲେ ସେ ହେଲା ଅନ୍ତରା। ଏହାଠାରୁ ବଡ଼କଥା ମୋ ପାଇଁ କିଛିନାହିଁ।




**ଆଜିକାଲି ସିଙ୍ଗରମାନଙ୍କ ଲାଇଫ୍‌ର ଫ୍ୟାଶନ ଏକ ପ୍ରମୁଖ ଅଂଶ। କେଉଁଭଳି ଫ୍ୟାଶନ ଟ୍ରେଣ୍ଡ୍‌କୁ ପସନ୍ଦ କରନ୍ତି?**
ମୁଁ ଯେଉଁଥିରେ କମ୍ଫଟେବୁଲ, ମୁଁ ସବୁବେଳେ ତାହା ପିନ୍ଧେ। ମୋ ପରିବାରର ଏକ ସଂସ୍କୃତି ଅଛି, ମୁଁ ତାହା ବିରୋଧରେ କିଛି ପିନ୍ଧିନି କି ପିନ୍ଧି ପାରିବିନି। ସାଲୱାର କମିଜ ପିନ୍ଧିବାକୁ ଭଲପାଏ। ୱେଷ୍ଟର୍ନକୁ ମୁଁ ଖରାପ କୁହେନା। ହେଲେ ସଭ୍ୟତା ଭିତରେ ରହି ୱେଷ୍ଟର୍ନ ପିନ୍ଧିବାକୁ ପସନ୍ଦ କରେ। ମୋ ପାଇଁ ୱେଷ୍ଟର୍ନ କହିଲେ ବେଶିରେ ବେଶି ଜିନ୍ସ, ଟପ୍ସ। ଫ୍ୟାଶନର ଅର୍ଥ ହେଲା ଆପଣ ଯେଉଁଥିରେ କମ୍ଫଟେବୁଲ ତାହା ପିନ୍ଧିଲେ ହିଁ ଫ୍ୟାଶନେବୁଲ ଲାଗିବେ। ମୁଁ ଖୁସି ଯେ, ମୁଁ ଯାହାକରେ ନିଜ ବାଉଣ୍ଡରି ଭିତରେ କରେ ଓ ଲୋକମାନେ ତାହାକୁ ଭଲପାନ୍ତି।

**ଫାଙ୍କା ସମୟରେ କ'ଣ କରନ୍ତି?**
ରୋଷେଇ କରେ। ବହି ପଢ଼େ। ସାଇବାବାଙ୍କ ବହି ଓ ବିଭିନ୍ନ ଆଧାତ୍ମିକ ବହି ପଢେ। ପ୍ରାଣାୟାମ କରେ। ଏହାଛଡା ସୋସିଆଲ ମିଡିଆ ତ ଅଛି ଆମକୁ ଡିଷ୍ଟ୍ରାକ୍ଟ କରିବାକୁ। ତେଣୁ ସୋସିଆଲ ମିଡିଆରେ ବି ଅଧିକାଂଶ ସମୟ ଥାଏ।

**ଖାଇବାକୁ କ'ଣ ଭଲଲାଗେ? କେଉଁ ଖାଦ୍ୟକୁ ଭଲ ରୋଷେଇ କରି ଜାଣନ୍ତି?**
ଖାଇବାରେ ବିରିୟାନୀ ସବୁଠାରୁ ଅଧିକ ଭଲଲାଗେ। ନନ୍‌ଭେଜ୍ ରୋଷେଇ ଭଲକରେ। ଚିକେନ୍, ମଟନ୍, ମୋମୋ, ଚାଇନିଜ୍ ସବୁକିଛି ଆସେ। ବିରିୟାନୀ ବି ଭଲ କରେ।

**ବୟଫ୍ରେଣ୍ଡ ଅଛନ୍ତି? ରିଲେସନ୍‌ଶିପ୍ ଗୋଲ୍ ସମ୍ପର୍କରେ କ'ଣ କହିବେ?**
ନା। କେହି ନାହାନ୍ତି। ସେ ବିଷୟରେ ମୋର ଏତେ ଜ୍ଞାନ ନାହିଁ। ପିଲାବେଳୁ ଗୀତ ଗାଇବାରେ ହିଁ ସବୁ ସମୟ ଯାଇଛି। ତେଣୁ ଏଥିପାଇଁ ସମୟ ମିଳିନି। ମ୍ୟୁଜିକ୍, ମୋ ଫ୍ୟାମିଲି ଓ ମୋ ଶ୍ରୋତା ହିଁ ମୋ ପାଇଁ ସବୁକିଛି। ମୋ ପାଇଁ ରିଲେଶନ୍‌ଶିପ୍ ଗୋଲ୍ ମାନେ ମୋ ଫ୍ୟାନ୍‌ମାନଙ୍କ ସହ ମୋର ବଣ୍ଡ୍।

**ନିଜ ଫ୍ୟାନ୍‌ମାନଙ୍କୁ କ'ଣ କହିବେ? ସିଙ୍ଗର୍ ହେବାକୁ ଚାହୁଁଥିବା ଯୁବ ପ୍ରତିଭାମାନଙ୍କୁ କ'ଣ ବାର୍ତ୍ତା ଦେବେ?**
ବାସ୍, ଏତିକି କହିବି, ମୋତେ ଯେତିକି ଭଲପାଇବା ଦେଇଛନ୍ତି, ସେତିକି ସବୁବେଳେ ଦିଅନ୍ତୁ। ସେମାନଙ୍କ ଭଲପାଇବା ପାଇଁ ମୁଁ କାମ କରୁଛି। ଯେଉଁମାନେ କଣ୍ଠଶିଳ୍ପୀ ହେବାକୁ ଚାହୁଁଛନ୍ତି ସେମାନଙ୍କୁ କହିବି, ଶର୍ଟକଟ୍ ରାସ୍ତାରେ ଯାଆନ୍ତୁନି। ଗୀତ ଶିଖନ୍ତୁ। ସାଧନା କରନ୍ତୁ। ପରିଶ୍ରମ କରନ୍ତୁ। ସଫଳତା ଆପେ ଆପେ ଆସିବ।

**ଆଗକୁ କ'ଣ କରିବାକୁ ପ୍ଲାନିଂ ଅଛି? ବଲିଉଡ୍‌ରେ ଟ୍ରାଏ କରିବେ କି?**
ଏବେ ମୋର ବଲିଉଡ୍ ଫିଲ୍ମ 'ଦି ପୁସ୍କର୍ ଲଜ୍' ରିଲିଜ ହେବାକୁ ଯାଉଛି। ଏହା ମୋର ପ୍ରଥମ ହିନ୍ଦୀ ଫିଲ୍ମ। ଏହାବ୍ୟତୀତ ଏକ ବଙ୍ଗଳା ଫିଲ୍ମ ବି ଆସିଛି। ଶାନ୍, ଅଭିଜିତ୍ ଏବଂ ଆଶା ଦିଙ୍କ ସହ ଏଥିରେ ଗାଇଛି। ଆଉଏକ ହିନ୍ଦୀ ଫିଲ୍ମ 'ପ୍ୟାର୍ ମୈ ଜରା ସମ୍ଭଲ୍‌ନା' ବି ଆସୁଛି। ଓଡ଼ିଆ ଫିଲ୍ମ 'ନିମ୍‌କୀ'ରେ ବି ଗୀତଗାଇଛି। ଆଗକୁ ମ୍ୟୁଜିକ୍‌ରେ ହିଁ ରହିବି।

-ସାକ୍ଷାତ୍: ସସ୍ମିତା ପାଇକରାୟ